**ଆଜି କେନ୍ଦୁଝର ଆସିବେ ଅନୁସୂଚିତ ଜନଜାତି କମିଶନ ସଦସ୍ୟ**

କେନ୍ଦୁଝର, (ଡି.ଏନ୍.ଏ.): ଅନୁସୂଚିତ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକଙ୍କ କେନ୍ଦୁଝର ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ବୁଧବାର ବଡବିଲ ଗସ୍ତ କରି ପୂର୍ବାହ୍ନ ସାଢ଼େ ୧୦ଟାରେ କାଶିଆ,ଝାଡଗାଁ,ଭଦ୍ରାସାହି ଗାଁକୁ ଯାଇ ଆଦିବାସୀଙ୍କ ସମସ୍ୟା ନେଇ ଆଲୋଚନା କରିବା ସହ ପ୍ରସ୍ତାବିତ ବଡବିଲ ବାଇପାସ ନେଇ ଲୋକଙ୍କ ଅଭିଯୋଗ ଉପରେ ତଦନ୍ତ କରିବେ। ଏହା ପରେ ସେ ଅପରାହ୍ନ ୩ଟାରେ ବଡବିଲ ପୌରପାଳିକା ଅନ୍ତର୍ଗତ ୨ନଂ ୱାର୍ଡରେ ବେଲକୁଣ୍ଡିକୁ ଯାଇ ଆଦିବାସୀଙ୍କ ଜମି ଜବରଦଖଲ ନେଇ ତଦନ୍ତ କରିବେ। ପରେ ୫ଟା ବେଳେ ସଦର ବ୍ଲକ ଅଧୀନ ପଦ୍ମପୁର ସିଏଚ୍ସି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।



## ସଂକ୍ଷେପରେ

### ବାଲିଆପାଳ ତହସିଲର ୩ ନୂଆ ଆର୍ଆଇ ସର୍କଲ

**ଲଙ୍ଗଳେଶ୍ୱର,୬।୭(ଡି.ଏନ.ଏ.):** ରାଜ୍ୟସରକାର ଲୋକମାନଙ୍କ ସୁବିଧା ପାଇଁ ୩ଟି ପଞ୍ଚାୟତକୁ ନେଇ ଏକ ଆର୍ଆଇ ସର୍କଲ ଗଠନ ପାଇଁ ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ କହିଛନ୍ତି। ବାଲେଶ୍ୱର ଜିଲାରେ ବିଭିନ୍ନ ତହସିଲ ଅଧିନରେ ନୂତନ ଆର୍ଆଇ ସର୍କଲ ଗଠନ ପାଇଁ ସରକାରଙ୍କ ଚିଠି (ନଂ.୧୮୨୮୨/ତା୨୫।୦୬।୨୧) ଅନୁଯାୟୀ ବାଲିଆପାଳ ତହସିଲ ଅଧୀନରେ ଉକ୍ତ ଆର୍ଆଇ ସର୍କଲ ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ନୂତନ ଆର୍ଆଇ ସର୍କଲଗୁଡ଼ିକ ହେଲା ମଧୁପୁରା, ଡଗରା, ବଳରାମପୁର। ମଧୁପୁରା, ଦେଉଳା, ଦେଭୋଗ ଏହି ୩ଟି ପଞ୍ଚାୟତକୁ ନେଇ ମଧୁପୁରା ଆର୍ଆଇ ସର୍କଲ ଗଠନ ହେବ। ସେହିପରି ଡଗରା, ଚଉମୁଖ, ବେତଗଡ଼ିଆକୁ ନେଇ ଡଗରା ଆର୍ଆଇ ସର୍କଲ ଗଠନ ହେବ। ବଳରାମପୁର, ବାଲିକୁଟି, ବଣିଆଡ଼ିହାକୁ ନେଇ ବଳରାମପୁର ଆର୍ଆଇ ସର୍କଲ ଗଠନ ହେବ।

### ଅବକାରୀ ଚଢ଼ାଉ: ୩ ବେପାରୀ ଗିରଫ

**ରୂପସା, ୬।୭ (ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପସା ଥାନା ଅଞ୍ଚଳରେ ମଙ୍ଗଳବାର ବସ୍ତା ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇଛି। ଅବକାରୀ ଥାନା ଅଧିକାରୀ ଲକ୍ଷ୍ୟ ସାଧବ ପ୍ରଧାନଙ୍କ ନେତୃତ୍ୱରେ ଏଏସ୍ଆଇ ଅଞ୍ଜନ ଜେନା, ମଙ୍ଗଲ ସିଂ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ ସହ ଚଢ଼ାଉ କରି ୩ ଚୋରା ମଦ ବେପାରୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଲଛମନଖୁଣ୍ଟାର ସର୍ବେଶ୍ୱର ଟୁଡୁ ଓ ତ୍ରିଲୋଚନ ମହାନ୍ତ, ବାରାପାଳ ଗ୍ରାମର ଅଭୟ ଯେନା। ଏ ନେଇ ୩ଟି ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ଚାରାରୋପଣ

**ଖଇରା, ୬।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକର କୋଚିଆକୋଇଲିସ୍ଥିତ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ୨ତାରିଖରେ ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଅଧିକାରୀ ମାନସ ରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସୋର ରେଞ୍ଜର ବବିତା ସୋରେନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କିସମର ମୋଟ ୩୫ଟି ଗଛ ଲଗାଯାଇଥିଲା। ଅଗ୍ନିଶମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

### ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ବାସୁଦେବପୁର, ୬।୭(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ସୋମବାର ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ କରିଛନ୍ତି। ବାସୁଦେବପୁର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲାପାଳ ଡ. ଦାସଙ୍କ ସମେତ ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଜିଲାପାଳ ମଧୁସୂଦନ ଦାସ, ବିଡିଓ ତଥା ଭାରପ୍ରାପ୍ତ ପୌରନିର୍ବାହୀ ଅଧିକାରୀ ପ୍ରଣବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକ ତୁରନ୍ତ କାର୍ଯ୍ୟ ଶେଷ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେବା ସହିତ କେତେକ ନୂତନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ମହିଳା ସଭାପତି ରମଣୀଙ୍କୁ ସ୍ୱାଗତ

**ଚମ୍ପୁଆ, ୬।୭(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ସ୍ଥିତ ମା' ଜଗତ ଜନନୀ କାର୍ଯ୍ୟାଳୟଠାରେ ବିଜେଡିର ଜିଲା ମହିଳା ସଭାପତି ଚମ୍ପୁଆ ବ୍ଲକ ଚେୟାରମ୍ୟାନ ରମଣୀ ନାଏକଙ୍କୁ ସ୍ୱାଗତ କରାଯାଇଛି। ଜଣେ ମହିଳାଙ୍କୁ ଏହି ପଦ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାଏକଙ୍କୁ ପ୍ରଣବ ପ୍ରକାଶ ଦାସ, ବଦ୍ରିନାରାୟଣ ପାତ୍ର ଓ ସନାତନ ମହାକୁଡ ଚମ୍ପୁଆ ବାସୀଙ୍କ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି। ଭୋଳାନାଥ ସେଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ୱାଗତ ଏବଂ କୃତଜ୍ଞତା ସଭାରେ ତିନି ଗୋଟି ଜୋନର ଜିଲାପରିଷଦ ମାନସ ରଞ୍ଜନ ବେହେରା, ଲିଳାବତୀ ଖିଲାର ଓ ମଞ୍ଜୁଲତା ନାଏକ ସହିତ ଚମ୍ପୁଆ ଏନଏସି ସଭାପତି ଗିରିଜା ଶଙ୍କର ସାହୁ, ଗଣେଶ ଖିଲାର ପ୍ରମୁଖ ଯୋଗ ଦେଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଯୋଗ ଦେଇଥିଲେ।

# ଫାଇଲରେ ରୂପ୍ସା ରେଳ ଓଭରବ୍ରିଜ୍

ବାଞ୍ଛାନିଧି ଦେ
ରୂପସା, ୬।୭

- ୨୦୧୯ରେ ସର୍ଭେ ସାରି ପ୍ରଶାସନ ଚୁପ୍
- ଜନସାଧାରଣଙ୍କ ଦୁଃଖ ଉତ୍ତରକେବିନ୍
- ୭୦କୋଟି ବ୍ୟୟ ଅଟକଳରେ ହେବ ବ୍ରିଜ ନିର୍ମାଣ

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପସା ରେଳ ଜଙ୍କଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ଗମନାଗମନରେ ବାଧକ ସାଜିଛି ଉତ୍ତର କେବିନ ରେଳଫାଟକ। ଏହା ଦୈନିକ ଘଣ୍ଟା ଘଣ୍ଟା ପଡ଼ି ରହିଥିବାରୁ ଜନସାଧାରଣ ବହୁ ହଇରାଣ ହେଉଛନ୍ତି। ଏହି ଲେଭଲ କ୍ରସିଂ ଉପରେ ଓଭରବ୍ରିଜ୍ ନିର୍ମାଣ ପ୍ରସ୍ତାବକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିଛି। ଏଥିପାଇଁ ୨୦୧୯ ଜୁନ୍‌ରେ ରେଳବିଭାଗ ଅଧିକାରୀ, ଇଞ୍ଜିନିୟର ଓ ପୂର୍ତ୍ତବିଭାଗର ଅଧିକାରୀଙ୍କ ଦ୍ୱାରା ବ୍ରିଜ୍ ନିର୍ମାଣ ସ୍ଥାନ ଅନୁଧ୍ୟାନ ପୂର୍ବକ ସର୍ଭେ କାର୍ଯ୍ୟ ଶେଷ ହୋଇଥିଲା। ହେଲେ ଅଦ୍ୟାବଧି ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ୭୦କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ବ୍ରିଜ କେବଳ ପ୍ରସ୍ତାବରେ ଅଟକି ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି।


ରୂପ୍ସା ରେଳ ଜଙ୍କଶନର ଉତ୍ତରକେବିନ୍।

୬୦ନଂ. ଜାତୀୟ ରାଜପଥର ରୂପ୍ସା ବସ୍‌ଷ୍ଟାଣ୍ଡଠାରୁ ୧୬ନଂ. ଜାତୀୟ ରାଜପଥର ବୈଶିଙ୍ଗା ପର୍ଯ୍ୟନ୍ତ ୧୬କି.ମି. ରାସ୍ତା ମଧ୍ୟରେ ରହିଛି ଉତ୍ତରକେବିନ ଲେଭଲକ୍ରସିଂ। ପ୍ରତି ୫ରୁ ୧୦ମିନିଟ୍ ବ୍ୟବଧାନରେ ଉଭୟ ଅପ ଓ ଡାଉନ ଲାଇନ୍‌ରେ ରେଳ ଚଳାଚଳ କରୁଥିବାରୁ ଦୈନିକ ପ୍ରାୟ ୧୫ଘଣ୍ଟା ଫାଟକ ପଡ଼ିରହୁଛି। ଫଳରେ ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ଦମକଳ, ପୋଲିସ ସେବା ଠପ୍ ହେବା ସହ ଜନସାଧାରଣଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ବିଭାଗୀୟ ଚିଠି ନଂ. ୧୪୯/ ତା ୧୬।୭।୨୦୧୯ ଅନୁଯାୟୀ ଏଠାରେ ଓଭରବ୍ରିଜ୍ ନିର୍ମାଣ ପାଇଁ ମାଟି ପରୀକ୍ଷା ପୂର୍ବକ ସର୍ଭେ କରାଯାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆନୁପାତିକ ଅଂଶଧନ ୫୦/୫୦ ଅର୍ଥ ବ୍ୟୟ ପାଇଁ ସ୍ୱୀକୃତି ମିଳିଥିଲା। ପୂର୍ତ୍ତ ବିଭାଗ ତଥା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଏହି ବ୍ରିଜ୍ ଡ୍ରଇଂ ନକ୍ସା ପ୍ରସ୍ତୁତ ପରେ ୭୦କୋଟି ଟଙ୍କାର ପ୍ଲାନ ଏଷ୍ଟିମେଟ ମଞ୍ଜୁର ହେବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାନ୍ତା। ମାତ୍ର ବିଭାଗୀୟ ଅବହେଳା ଓ ଉଦାସୀନତାରୁ ୨ବର୍ଷ ଧରି ଫାଇଲ ଭିତରେ ଉକ୍ତ ପ୍ରକଳ୍ପ ପଡ଼ିରହିଛି। ଗୁରୁତ୍ୱ ଦୃଷ୍ଟିରୁ ଏହି ପ୍ରୋଜେକ୍ଟର ସଫଳ ରୂପାୟନ ପାଇଁ ପୂର୍ବତନ ସରପଞ୍ଚ ଦେବାଶିଷ ମହାପାତ୍ର, ସରପଞ୍ଚ ଅନୀତା ବେହେରା, ସମିତିସଭ୍ୟା ଅଭିପ୍‌ସା ନାୟକ, ଆଞ୍ଚଳିକ ବିକାଶ ପରିଷଦ ସାଧାରଣ ସମ୍ପାଦକ ସୁଧାକର ଗିରି, ପୂର୍ବତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ, ମଣ୍ଡଳ ସଭାପତି ତପନ କୁମାର ଗିରି ପ୍ରମୁଖ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଅନ୍‌ଲାଇନରେ ଠକିନେଲେ ୭.୭୪ ଲକ୍ଷ

ଭଦ୍ରକ ଅଫିସ,୬।୭

ଅନ୍‌ଲାଇନ ଠକେଇ ଘଟଣା ଏବେ ବଢ଼ିବାରେ ଲାଗିଛି। ପୋଲିସ ପକ୍ଷରୁ ତନାଘନା କରାଯାଉଥିଲେ ମଧ୍ୟ ସେଭଳି କିଛି ସଫଳତା ମିଳୁ ନ ଥିବା ଅଭିଯୋଗ ହେଉଛି। ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାରୋ ଗାଁର ଅବସରପ୍ରାପ୍ତ କର୍ମଚାରୀ ପ୍ରହ୍ଲାଦ ଖିଲାର(୬୮)ଙ୍କଠାରୁ ୭ ଲକ୍ଷ ୭୪ ହଜାର ଟଙ୍କା ଅନ୍‌ଲାଇନ ଠକେଇ ହୋଇଛି। ଏ ନେଇ ତିହିଡ଼ି ଥାନାରେ ଅଭିଯୋଗ ପରେ ପୋଲିସ ମାମଲା (ନଂ.୨୬୭/୨୧) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ପ୍ରହ୍ଲାଦଙ୍କ ପାଖକୁ ୫ ଦିନ ତଳେ ଏକ ଫୋନ କଲ୍ ଆସିଥିଲା। ଉକ୍ତ କଲ୍‌ଟି ଏସ୍‌ବିଆଇ ଡେବିଟ୍ କାର୍ଡ କମ୍ପାନୀରୁ ଭେରିଫିକେଶନ ପାଇଁ ଆସିଥିବା କୁହାଯାଇଥିଲା। ତାଙ୍କ ଆକାଉଣ୍ଟ ନମ୍ବର ମାଗି ନେବା ପରେ ପ୍ରହ୍ଲାଦଙ୍କ ମୋବାଇଲକୁ ଏକ ଓଟିପି ନମ୍ବର ଆସିଥିଲା। ଏହାର ଦୁଇଦିନ ପରେ ସେ ବ୍ୟାଙ୍କକୁ ଯିବାରୁ ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠା ଯାଇଥିବା ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଅନ୍‌ଲାଇନ ଠକେଇ ନେଇ ପ୍ରହ୍ଲାଦ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି।

## କୋଚିଲା ବ୍ୟାରେଜକୁ ଅନୁମୋଦନ

ଭଦ୍ରକ ଅଫିସ, ୬।୭

ଭଦ୍ରକ ଜିଲା ଧାମନଗର ବ୍ଲକର ବହୁ ପ୍ରତୀକ୍ଷିତ କୋଚିଲା ନଦୀର ବ୍ୟାରେଜ ପ୍ରକଳ୍ପକୁ ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଛି। ୩୬୦ କୋଟି ଟଙ୍କାର ଏହି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଆସନ୍ତା ୧୯ ତାରିଖରେ ହେବ ବୋଲି ୫-ଟି ସଚିବ ଭି. କେ. ପାଣ୍ଡିଆନ ମଙ୍ଗଳବାର ଭିଡିଓ କନଫରେନ୍ସରେ ଜଣାଇଛନ୍ତି। ଭଦ୍ରକ ବ୍ଲକ ପରିସରରେ ଥିବା ଭିଡିଓ କନଫରେନ୍ସ ପ୍ରକୋଷ୍ଠରେ ଜିଲା ଯୋଜନା କମିଟି ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ସହ ୫-ଟି ସଚିବ ଏହି ପ୍ରକଳ୍ପ ବିଷୟରେ ଅପରାହ୍ନରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରକଳ୍ପକୁ ଅନୁମୋଦନ ଦେବା ସହ ଏହାର ଟେଣ୍ଡର ପ୍ରକ୍ରିୟା ନେଇ ସେ କହିଥିଲେ। ଧାମନଗର ବ୍ଲକ ବନ୍ୟା ପ୍ଲାବିତ ଅଞ୍ଚଳ। ପ୍ରତିବର୍ଷ ବୈତରଣୀ ଓ ଏହାର ଶାଖା ନଦୀରେ ବନ୍ୟା ଆସି ବହୁ ଧନଜୀବନ କ୍ଷୟକ୍ଷତି କରୁଛି। ବୈତରଣୀ-କୋଚିଲା ବ୍ୟାରେଜ ନିର୍ମାଣ ପାଇଁ ୭୦ବର୍ଷ ଧରି ଦାବି କରି ଆସୁଥିଲେ ଧାମନଗରବାସୀ। ଏହି ପ୍ରକଳ୍ପ ହେବା ଦ୍ୱାରା ବ୍ଲକରେ ବନ୍ୟା ନିୟନ୍ତ୍ରଣ ହେବା ସହ ଚାଷଜମିକୁ ଜଳସେଚନ ହୋଇପାରିବ। ଚାଷୀମାନେ ଉପକୃତ ହେବା ସହ ବନ୍ୟା ଦାଉରୁ ରକ୍ଷା ପାଇପାରିବେ ବୋଲି ଜିଲା ଯୋଜନା କମିଟି ସଭାପତି ରାୟ କହିଛନ୍ତି। ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକଙ୍କ ସମେତ ଧାମନଗର ବାସିନ୍ଦାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ବସ୍ କର୍ମଚାରୀଙ୍କୁ କରୋନା ସହାୟତା ଦାବି



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନର ସଦସ୍ୟ।

ବାଲେଶ୍ୱର ଅଫିସ,୬।୭

ମହାମାରୀ କରୋନାରେ ଗତ ମଇ ୪ ତାରିଖରୁ ବସ୍ ଚଳାଚଳ ବନ୍ଦ ଥିବାରୁ ବସ୍‌ରେ କାର୍ଯ୍ୟ କରୁଥିବା ଡ୍ରାଇଭର, ହେଲପର ଓ କଣ୍ଡକ୍ଟରଙ୍କ ଆର୍ଥିକ ଅବସ୍ଥା ଭୁଶୁଡ଼ି ଯାଇଛି। ସେମାନେ ବହୁ ଦୁର୍ଦ୍ଦିନରେ ଜୀବନଯାପନ କରୁଛନ୍ତି। ସେମାନଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କସ ୟୁନିଅନ ବାଲେଶ୍ୱର ଶାଖା ସିଆଇଟିୟୁ ସହାୟତାରେ ମଙ୍ଗଳବାର ସରକାରଙ୍କ ସହାୟତା ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦୈନନ୍ଦିନ ଆବଶ୍ୟକ ଥିବା ଚାଉଳ, ଗହମ, ଡାଲି, ତେଲ ଆଦି ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମାଗଣାରେ ଯୋଗାଇ ଦେବା ସହ ମାସିକ ୭ହଜାର ୫ଶହ ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ସେହିପରି କର୍ମଚାରୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କରୋନା ଟିକା ପ୍ରଦାନ ଏବଂ ସ୍ୱତନ୍ତ୍ର ବୀମା ବ୍ୟବସ୍ଥା କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କସ ୟୁନିଅନର ସାଧାରଣ ସମ୍ପାଦକ ରାଜକିଶୋର ଲେଙ୍କା, ଅସୀତ ବରଣ ଦାସ, ନିର୍ମଳ ନାୟକ, ବିଜୟ ପାତ୍ର, ଦୀନବନ୍ଧୁ ଜେନା, ବେଣୁଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଟିକାକରଣକୁ ନେଇ ଉତ୍ତେଜନା

ପଦ୍ମପୁର, ୬।୭(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ଏଠାରେ ୩ଶହ ଜଣ ଟିକା ନେବା ପାଇଁ ଅନ୍‌ଲାଇନରେ ପଞ୍ଜୀକରଣ କରିଥିବା ବେଳେ ୨୫୫ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିଲା। ଅଫ୍‌ଲାଇନରେ ଟିକା ନେବାକୁ ଆସି ୨୦ରୁ ୨୫ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଟିତୁଣ୍ଡ କରିବା ସହ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ନାୟକାଣିଡିହୀ ଥାନା ଏଏସ୍ଆଇ ଦିଲୀପ ଦେହୁରୀ, ବିଜୟ ଦାସମହାପାତ୍ର ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ପୋଲିସ ଉପସ୍ଥିତିରେ ଟିକାକରଣ ଆରମ୍ଭ ହୋଇଥିଲା। ଡା. ସଞ୍ଜୀବ ସାହୁ, ରାଜକିଶୋର ମିଶ୍ର ଓ ଫାର୍ମାସିଷ୍ଟ ଚନ୍ଦ୍ରଭାନୁ ଗିରି ସହାୟତା କରିଥିଲେ।

## 'ପ୍ରାକୃତିକ ଦୁର୍ବିପାକରୁ ରକ୍ଷା ଲାଗି ଚାରାରୋପଣ ବିକଳ୍ପ'


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଅଫିସ/ସଜନାଗଡ଼, ୬।୭ (ଡି.ଏନ.ଏ.)

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଟାଉନ ହାଇସ୍କୁଲ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ, ବାଲେଶ୍ୱର ଓ ଚାନ୍ଦିପୁର ବନ୍ୟପ୍ରାଣୀ ବନାଞ୍ଚଳ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା।

ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ପ୍ରୋବେସନର ଆଇଏଏସ୍ କୁନାଲ ଚୌହାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦେବ, ଜିଲା ଶିକ୍ଷାଧିକାରୀ ରଞ୍ଜନ ଗିରି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକୃତିକ ଦୁର୍ବିପାକରୁ ପ୍ରାଣୀଜଗତକୁ ସୁରକ୍ଷିତ ରଖିବାକୁ ହେଲେ ଚାରାରୋପଣ ଓ ଜଙ୍ଗଲ ସୃଷ୍ଟି ହିଁ ଏକମାତ୍ର ବିକଳ୍ପ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସହକାରୀ ବନ ସଂରକ୍ଷକ ଶରତ ଚନ୍ଦ୍ର ବେହେରା, ଚାନ୍ଦିପୁର ବନାଞ୍ଚଳ ଅଧିକାରୀ ଗଣେଶ ପ୍ରସାଦ ଲେଙ୍କା ତଦାରଖ କରିଥିବା ବେଳେ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଜେନା, ଟାଉନ ହାଇସ୍କୁଲର ସବୁଜ ବାହିନୀ ମାର୍ଗଦର୍ଶକ ଶିକ୍ଷକ ଅଜୟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିପରି ନୀଳଗିରି ଉପଖଣ୍ଡର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଛି। ଧୋବଶିଳା ଓ ବେଗୁନିଆରେ କୃତ୍ରିମ ପୁନଃ ବନୀକରଣ ୨୦୨୧-୨୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନଖଣ୍ଡ ଅଧିକାରୀ ମନ୍‌ୱାର ଖାନ୍ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

## ୭୨ତମ ବନମହୋତ୍ସବ

ଚମ୍ପୁଆ, ୬।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆରେ ୭୨ତମ ବନମହୋତ୍ସବ ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ସଞ୍ଜୀବ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକ, ଉପଜିଲାପାଳ ପ୍ରତାପ ପ୍ରତିମୟ, ସବଜଜ ବିନୟ ପାତ୍ର, ଏସ୍‌ଡିଜେଏମ ଶ୍ରଦ୍ଧା ମାଣ୍ଡଟିଆ, ଜେଏମଏଫସି ତାରିଣୀ ପ୍ରସାଦ ସାହୁ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ, ବିଡିଓ ନୁପୂର ଚାନ୍ଦଗୋଟିଆ,ଏନଏସି ନିର୍ବାହୀ ଅଧିକାରୀ ଗୌରହରି ମହାନ୍ତଙ୍କ ସମେତ ବହୁ ପଦାଧିକାରୀ ଯୋଗ ଦେଇ ବିଭିନ୍ନ ଚାରାରୋପଣ କରିଥିଲେ। ଫରେଷ୍ଟର ପିଅନ ନାଏକ, ପ୍ରମୋଦ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଏମ୍‌ବିକେ, ସିଆର୍‌ପି ଚୟନରେ ଅନିୟମିତତା ନେଇ କାର୍ଯ୍ୟାନୁଷ୍ଠାନ

ବନ୍ତ, ୬।୭(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକରେ ଗତ କିଛି ମାସ ତଳେ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ଚୟନ ପ୍ରକ୍ରିୟା ହୋଇଥିବା ବେଳେ ଏଥିରେ ବ୍ୟାପକ ଅନିୟମିତତା ହେବା ନେଇ ବିଭିନ୍ନ ପଞ୍ଚାୟତର ମହିଳା ମାନେ ବ୍ଲକ ଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ। ଏଥିନେଇ ମହିଳା ମାନେ ମାନେ ମଧ୍ୟ ବିଭିନ୍ନ ପଞ୍ଚାୟତ ଓ ବ୍ଲକ ଅଫିସ ଆଗରେ ଧାରଣା ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ମହିଳା ମାନେ ବ୍ଲକ ଗସ୍ତରେ ଆସିଥିବା ଭଣ୍ଡାରିପୋଖରୀ ବିଧାୟକ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲଙ୍କୁ ଅବଗତ କରାଇଥିଲେ । ପରେ ବିଧାୟକ ପ୍ରତିନିଧି ଏସମ୍ପର୍କରେ ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ । ପରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ଚିଠି ନଂ.୧୫୫/ତା୨।୭।୨୧ରିଖ ଅନୁଯାୟୀ ବିଡିଓ ବନ୍ତଙ୍କ ନିକଟକୁ ଅନିୟମିତତା ଅଭିଯୋଗ ହୋଇଥିବା ସମସ୍ତ ପଞ୍ଚାୟତର ମନୋନୟନ ପ୍ରକ୍ରିୟାକୁ ବାତିଲ କରାଯାଇଛି । ଏଥିସହ ଉକ୍ତ ପଞ୍ଚାୟତ ଗୁଡିକରେ ଠିକ୍ ଭାବେ ପୁନଃ ମନୋନୟନ କରିବା ଏବଂ ମନୋନୟନ ବେଳେ କୌଣସି ଅନିୟମିତତା ଅଭିଯୋଗ ଆସିଲେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି । ଏଥିସହ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ଚିଠି ନଂ.୧୫୭/ତା୫।୭।୨୧ କ୍ରମେ ବ୍ଲକର ଭାରପ୍ରାପ୍ତ ବିପିଏମ୍ ବୀଣାପାଣି ପଣ୍ଡାଙ୍କୁ ଅନ୍ୟତ୍ର ବଦଳି କରାଯିବା ସହ ତାଙ୍କ ସ୍ଥାନରେ ବିପିସି ଚିରଞ୍ଜୀବ ଦାସଙ୍କୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଆପ୍ରୋଚ ରୋଡ୍ ପାଲଟିଛି ମରଣଯନ୍ତା

ପାଟଣା, ୬।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଢେଙ୍କିକୋଟ ପାଟଣାକୁ ସଂଯୋଗ କରୁଥିବା ସ୍ୱାମସିମୂଳି ନାଳ ଉପରେ ଆର୍ଥିକ ବର୍ଷ ୨୦୧୮-୧୯ରୁ ୮କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ପୋଲ ନିର୍ଦ୍ଧାରିତ ସମୟସୀମାରେ ଶେଷ ହେଉ ନଥିବାରୁ ଲୋକଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପୋଲର ଶିଳାନ୍ୟାସ ଉତ୍ସବରେ ୨ବର୍ଷ ମଧ୍ୟରେ ପୋଲ କାର୍ଯ୍ୟ ଶେଷ ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଏହାମଧ୍ୟରେ ୪ବର୍ଷ ବିତି ଯାଇଥିଲେ ହେଁ କାମ ସରିନି। ପୋଲ ସକାଶେ ଚାଲିଥିବା ଆପ୍ରୋଚ ରୋଡ଼ ଖାଲଖମାରେ ଭର୍ତ୍ତି ହେବା ସହ ବିଭିନ୍ନ ସ୍ଥାନରେ ପାଣି ଜମି ରହୁ ଥିବାରୁ ପ୍ରତ୍ୟେହ ଦୁର୍ଘଟଣା ଘଟୁଛି। ଏସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ରବୀନ୍ଦ୍ର ଜେନା କହିଛନ୍ତି, କରୋନା ପାଇଁ ରାସ୍ତା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ରାସ୍ତା ମରାମତି କରିବାକୁ ମୁଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛି। ଆଶା କରୁଛି ଆଉ ୩ ମାସ ମଧ୍ୟରେ ପୋଲ ସହ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ।


କାଦୁଅରେ ଭର୍ତ୍ତି ରାସ୍ତା।

# ବର୍ଷା ଅଭାବ,ପଛେଇଛି କୃଷିକାର୍ଯ୍ୟ

ବାରିପଦା ଅଫିସ, ୬।୭

ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମୟୂରଭଞ୍ଜ ଜିଲାରେ ଧାନ ଚାଷ ବାଧାପ୍ରାପ୍ତ ହୋଇଛି । ଧାନ ତଳି ପ୍ରସ୍ତୁତ ହୋଇସାରିଥିବା ବେଳେ ପାଣି ଅଭାବରୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଫଳରେ ଚାଷୀକୂଳ ଆଶଙ୍କାରେ ଦିନ ଗଣୁଛନ୍ତି। ଏପରି ସ୍ଥିତିରେ ଅଣଧାନ ଫସଲ ଚାଷ ଦୃତଗତିରେ ଆଗେଇ ଚାଲିଛି।

ଚଳିତ ବର୍ଷ ଜୁନ ମାସରେ ଜିଲାରେ ହାରାହାରି ୧୭୭.୩୦ ମିମି ବୃଷ୍ଟିପାତ ହୋଇଛି। ଯାହାକି ପୂର୍ବବର୍ଷରେ ରେକର୍ଡ କରାଯାଇଥିବା ସାଧାରଣ ବୃଷ୍ଟିପାତ ୨୬୫.୮ମିମିଠାରୁ ଶତକଡା ୩୩.୨୯ ପ୍ରତିଶତ କମ୍ ରହିଛି । ଏହି ବୃଷ୍ଟିପାତରେ ଚାଷ କାର୍ଯ୍ୟ ପାଇଁ ଜମିର ପ୍ରସ୍ତୁତି, ଅଣଧାନ ମଧ୍ୟର ଚିନାବାଦାମ, ଖସା, ଅଳସି, ମେସ୍ତା, ମକା, ମୁଗ, ରାଶି, ବିରି, ନାଡୁକା, ହରଡ ଆଦି ବୁଣା କାର୍ଯ୍ୟ ଜୋରରେ ଚାଲିଛି। ଜୁଲାଇ ମାସର ପ୍ରଥମ ସପ୍ତାହର ୫ଦିନ ମଧ୍ୟରେ ଉଦଳା, ବାଙ୍ଗିରିପୋଷି, ବହଳଦା, ବାରିପଦା, ବେତନଟୀ, ବଡ଼ସାହି ଆଦି ବ୍ଲକ ଅଞ୍ଚଳରେ ୫୦ମି.ମି.ରୁ ଅଧିକ ବର୍ଷା ରେକର୍ଡ କରାଯାଇଥିବା ବେଳେ କୁସୁମୀ ବ୍ଲକରେ ୪୭ ମି.ମି., ଶୁକ୍ଳିରେ ୬୨ମି.ମି. ଓ ରରୁଆଁରେ ୪୭ମି.ମି. ବର୍ଷା ହୋଇଛି। ଅନ୍ୟ ବ୍ଲକ ମାନଙ୍କରେ ହାରାହାରି ୨୪ରୁ ୨୫ମି.ମି. ଭିତରେ ବର୍ଷା ରେକର୍ଡ କରାଯାଇଛି । ବୃଷ୍ଟିପାତକୁ ଲକ୍ଷ୍ୟ ରଖି ଚାଷୀମାନେ ରୁଆ ବେଉଷଣ କାର୍ଯ୍ୟ ଆରମ୍ଭ କରିବାର ଆଶା ରଖିଥିବାବେଳେ ୭/୮ଦିନ ମଧ୍ୟରେ ପ୍ରବଳ ବର୍ଷା ନ ହେଲେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ ବୋଲି ଚାଷୀ ଭାଗବତ ପଣ୍ଡା, ହରେକୃଷ୍ଣ ବେହେରା ପ୍ରକାଶ କରିଛନ୍ତି ।

ସୂଚନା ଅନୁଯାୟୀ,୪ଲକ୍ଷ ୩୭ହଜାର ହେକ୍ଟର ଜମିରେ ଖରିଫ ଫସଲ ହେବାକୁ ଥିବା ବେଳେ ଅଦ୍ୟାବଧି ୫୨ହଜାର୮୭୨ ହେକ୍ଟର ଚାଷ ଜମିରେ ଧାନ ଓ ଅଣଧାନ ଫସଲ ଚାଷ ହୋଇଛି। ସେଥିମଧ୍ୟରୁ ୧ଲକ୍ଷ ୫୪ହଜାର ୯୬୧ହେକ୍ଟର ଜଳସେଚିତ ଜମିରେ ମୋଟ ୮ହଜାର୫୨୨ହେକ୍ଟର ଜମିରେ ଧାନ ଓ ଅଣଧାନ ଫସଲ ହୋଇଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଅଦ୍ୟାବଧି ଜିଲାରେ ୨ଲକ୍ଷ ୮୩ହଜାର ହେକ୍ଟରରୁ ୨୪ହଜାର ୭୧୮ ହେକ୍ଟର ଜମିରେ ଧାନ, ୪ହଜାର ହେକ୍ଟରରୁ ୧୧୧୨ ହେକ୍ଟରରେ ମକା, ୬୩୦ ହେକ୍ଟରରୁ ୮୩ ହେକ୍ଟରରେ ରାଶି, ୫୪୯୪୦ହେକ୍ଟରରୁ ୫୬୮୭ ହେକ୍ଟରରେ ଡାଲି ଜାତୀୟ ଫସଲ, ୭୦୪୫ ହେକ୍ଟରରୁ ୯୪୬ ହେକ୍ଟରରେ ତୈଳବୀଜ, ୭୦ହଜାର ୯୮୫ହେକ୍ଟରରୁ ୧୨ହଜାର ୪୦୮ହେକ୍ଟରରେ ପନିପରିବା ଓ ୫ହଜାର ହେକ୍ଟରରୁ ୧୯୫୦ହେକ୍ଟରରେ ମସଲାଜାତୀୟ ଚାଷ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନର ପାଣିପାଗ ଅଣଧାନ ଫସଲ ପାଇଁ ବେଶ୍ ଅନୁକୂଳ ହୋଇଥିବାରୁ ଅଣଧାନ ଓ ପନିପରିବା ଚାଷ କାର୍ଯ୍ୟ ଆଗେଇ ଚାଲିଛି। ଆବଶ୍ୟକ ଜଳସେଚନ ବ୍ୟବସ୍ଥା ହୋଇ ନ ପାରିବାରୁ ଧାନଚାଷ ବାଧାପ୍ରାପ୍ତ ହେଉଥିବା ଚାଷୀମାନେ କହିଛନ୍ତି।


ପାଣି ଅଭାବରୁ ଧାନ ତଳି ଶୁଖିଯାଇଛି।

## ସ୍କୁଲ ପରିସରରୁ ଗଛକଟା ଅଭିଯୋଗ

ଖଇରା, (ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କଡମିଆଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ଗଛ କଟାଯିବା ନେଇ ସ୍ଥାନୀୟ ଗ୍ରାମବାସୀ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ୩ଟି ଗଛ କଟା ଯାଇଥିବା ନେଇ ଗ୍ରାମର ଜଗବନ୍ଧୁ ସ୍ୱାଇଁ, ଜୟରାମ ରାଉତ, ଅଗଣି ସ୍ୱାଇଁ, ତପନ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ କାଳି ମାଝୀଙ୍କୁ ପଚାରିବାରୁ ତହସିଲଦାରଙ୍କ ନିର୍ଦ୍ଦେଶ ପରେ ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି।

**ସଂକ୍ଷେପରେ**

## ବିଧାୟକ ବ୍ୟୋମକେଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭଦ୍ରକ ଅଫିସ, ୬।୭:** ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ନିଜ ବାହାଘର ଉତ୍ସବରେ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ନେଇ ସାମାଜିକ ଗଣମାଧମରେ ଭିଡିଓ ଭାଇରାଲ ହୋଇଛି। ଏହି ଘଟଣାର ୪ ଦିନ ବିତିଯାଇଥିଲେ ମଧ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସୋମବାର ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀଙ୍କ ନେତୃତ୍ୱରେ ଏକ ଟିମ୍ ଜିଲା ପ୍ରଶାସନ ମାଧମରେ ଉପରୋକ୍ତ ବିଷୟକୁ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଅନ୍ୟମାନଙ୍କ ମଧ୍ୟରେ ମାଳତୀଲତା ସାହୁ, ଶରତ ପଢ଼ିଆରୀ, ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ରହି ଅତିରିକ୍ତ ଜିଲାପାଳ ମଧୁସୂଦନ ଦାସଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## ଖଇରାରେ ଖୋଲିବ ଜୀବନବୀମା କାର୍ଯ୍ୟାଳୟ

**ଖଇରା, ୬।୭(ଡି.ଏନ.ଏ.):** ଖଇରାର ବିକାଶ ପାଇଁ ଗଠିତ ହୋଇଥିବା ମୁକୁନ୍ଦ ପ୍ରକାଶ ଦାସ ସ୍ମୃତି ପରିଷଦ ପକ୍ଷରୁ ଖଇରାଠାରେ ଏକ ଜୀବନ ବୀମା କାର୍ଯ୍ୟାଳୟ ଖୋଲିବା ପାଇଁ ଦାବି କରାଯାଇଆସୁଥିବା ବେଳେ ଏବେ ତାହା ପୂରଣ ହେବାକୁ ଯାଉଛି। ବିଭାଗୀୟ ଅଧିକାରୀଙ୍କ ଚିଠି ପହଞ୍ଚିବା ପରେ ଖଇରା ବଜାର ତୋରାଣିପଦା ଛକଠାରେ ଖୁବଶୀଘ୍ର ବୀମା କାର୍ଯ୍ୟାଳୟ ଖୋଲୁଥିବା ବିଷୟ ପରିଷଦ ସମ୍ପାଦକ ତଥା ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ସୋମବାର ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଖବରଦାତା ସମ୍ମିଳନୀରେ ସ୍ମୃତି ପରିଷଦର ସଭାପତି ଉମେଶ ନାୟକ, ସଭ୍ୟ ଅଭିରାମ ମହାପାତ୍ର, ନିରଞ୍ଜନ ବେହେରା, ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜେଲ ପରିସରରେ ଚାରାରୋପଣ

**କେନ୍ଦୁଝର, ୬।୭(ଡି.ଏନ୍.ଏ.):** ୭୨ ତମ ବନ ମହୋତ୍ସବ ଅବସରରେ କେନ୍ଦୁଝର ଜିଲା କାରାଗାର ପରିସରରେ ମଙ୍ଗଳବାର ସାମୁହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କାରାଗାର ଓ ଭଏସ୍ ଅଫ୍ କେନ୍ଦୁଝରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେଲ ଅଧୀକ୍ଷକ କୁଆଁର ମାରାଣ୍ଡି ଏବଂ ଅବସରପ୍ରାପ୍ତ ଡିଏଫ୍‌ଓ ଅକ୍ଷୟ ନାୟକ ମୁଖ୍ୟ ଅତିଥି, ଜେଲର ଅମୀୟ ବେହେରା,ଏମ୍ଏସ୍‌ପି ପ୍ଲାଣ୍ଟର ସଭାପତି ଇଂ ଦେବବ୍ରତ ସ୍ୱାଇଁ, ଭଏସ୍ ଅଫ୍ ଅଧକ୍ଷ ଡ. ସନ୍ଦୀପ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ସହରରେ 'ସ୍ୱଚ୍ଛ ସବାରୀ'

**ବାଲେଶ୍ୱର ଅଫିସ, ୬।୭:** ବାଲେଶ୍ୱର ପୌରପାଳିକାରେ ଓଦା ଓ ଶୁଖିଲା ଅଳିଆ ଆବର୍ଜନା ଉଠାଇବା ପାଇଁ ୧୨ଟି 'ସ୍ୱଚ୍ଛ ସବାରୀ' (ବ୍ୟାଟେରି ଚାଳିତ ଗାଡ଼ି)କୁ ସୋମବାର ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେବା ସହ ଗାଡ଼ିଗୁଡ଼ିକ ଦ୍ୱାରା ପୌରପାଳିକାର ବିଭିନ୍ନ ୱାର୍ଡ଼ର ଏସ୍ଏଚ୍‌ଜି ମହିଳାମାନେ ଘରକୁ ଘର ବୁଲି ଅଳିଆ ଆବର୍ଜନା ସଂଗ୍ରହ କରିବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲଙ୍କ ସମେତ କର୍ମକର୍ତ୍ତା ଏବଂ ଏସ୍ଏଚ୍‌ଜି ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଜାଲ୍ ଚିଠିରେ ବଢ଼ିଲା ବେତନ

■କାର୍ଯ୍ୟାନୁଷ୍ଠାନ ଦାବି କଲେ ଜିଲା ପରିଷଦ ଅଧକ୍ଷା

■ତଦନ୍ତ ହେବ: ଡିଇଓ

**କେନ୍ଦୁଝର,୬।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଶିକ୍ଷା ବିଭାଗରେ ଜାଲ ଚିଠିରେ ଶିକ୍ଷକଙ୍କ ବେତନ ବୃଦ୍ଧି କରାଯିବା ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ବେଳେ ଏହାର ତଦନ୍ତ କରି ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର ଜିଲାପାଳ ଓ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଦୀର୍ଘ ୭ ମାସ ହେଲା ଉକ୍ତ ଜାଲ ଚିଠିର ଯାଞ୍ଚ କରାଯାଇ ନ ଥିବା ବେଳେ ଏବେ ତରବରିଆ ଭାବେ ଦୋଷ ଲୁଚାଇବାକୁ ବିଭାଗୀୟ ତଦନ୍ତ ପାଇଁ ପ୍ରସ୍ତୁତି ଚାଲିଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ସାହାରପଡ଼ା ବ୍ଲକ ଅନ୍ତର୍ଗତ ଗଣ୍ଡବେଡ଼ା ପଞ୍ଚାନନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ ୨୦୧୫ ଅକ୍ଟୋବର ୧ତାରିଖଠାରୁ ୪୦ପ୍ରତିଶତ ଦରମା ପାଉଥିଲେ। ସରକାରଙ୍କ ନିୟମ ଅନୁସାରେ ଯେଉଁ ବ୍ଲକଗ୍ରାଣ୍ଟ ବିଦ୍ୟାଳୟ କ୍ରମାଗତ ଭାବେ ୫୦ ପ୍ରତିଶତରୁ ଅଧିକ ଫଳାଫଳ ପ୍ରଦର୍ଶନ କରିବ ସେହି ସ୍କୁଲ ଶିକ୍ଷକଙ୍କ ବେତନ ବୃଦ୍ଧି କରାଯିବା ବ୍ୟବସ୍ଥା ରହିଛି। ମାତ୍ର ଉକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଦର୍ଶନ ଗତ ୩ବର୍ଷରେ ମାଟ୍ରିକ ଫଳାଫଳ ୫୦ ପ୍ରତିଶତରୁ ଅଧିକ ହୋଇ ନ ଥିଲେ ମଧ ତତ୍କାଳୀନ ଜିଲା ଶିକ୍ଷା ଅଧିକାରୀଙ୍କ ସ୍ୱାକ୍ଷରରେ ପତ୍ର ସଂଖ୍ୟା ୧୨୦୮୧/ ୧୩/୧୧/୨୦୨୦ରେ ଏକ ଜାଲ ଚିଠି ପ୍ରସ୍ତୁତ କରାଯାଇ ଏହି ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଶତକଡା ୬୦ପ୍ରତିଶତ ଦରମା ଦେବା ଲାଗି ଆଦେଶ କରାଯାଇଥିଲା। ଏହି ଆଦେଶ ଫଳରେ ବିଦ୍ୟାଳୟର କର୍ମଚାରୀ ଗୋଟିଏ ମାସର ବର୍ଦ୍ଧିତ ଦରମା ପାଇଥିଲେ। ପରେ ଏହା ଜାଲ ଚିଠି ବୋଲି ଜାଣିବା ପରେ ବର୍ତ୍ତମାନର ଡିଇଓ ସଂଗ୍ରାମ ସାହୁ ତାଙ୍କ ପତ୍ର ସଂଖ୍ୟା ୧୬୭୭୭/ ୨୮/୧୨/୨୦୨୦ରେ ଏକ ପତ୍ର ଲେଖି ନଭେମ୍ବର ୧୩ ତାରିଖ ପ୍ରଦାନ କରାଯାଇଥିବା ଚିଠିଟି ଜାଲ୍ ନଭେମ୍ବର ମାସରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିବା ବର୍ଦ୍ଧିତ ବେତନ ଟ୍ରେଜେରୀ ଚାଲାଣ ମାଧ୍ୟମରେ ଜମା ଦେବାକୁ ଲେଖିଥିଲେ। ଏହାପରେ ଉକ୍ତ ବିଦ୍ୟାଳୟର କର୍ମଚାରୀ ବର୍ଦ୍ଧିତ ଦରମା ଫେରାଇ ନ ଥିବାବେଳେ ଏହି କାମ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜଣେ କନିଷ୍ଠ କିରାଣୀ ୫୦ହଜାର ଟଙ୍କା ଲାଞ୍ଚ ନେଇଥିବା କଥା ସେମାନେ ଅଭିଯୋଗ କରିଥିଲେ। ମାତ୍ର ଉକ୍ତ ଜାଲ୍ ଦସ୍ତଖତ ଥିବା ଚିଠିର ତଦନ୍ତ କରି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଜେ ତଦନ୍ତ କରିବା କିମ୍ବା ଥାନାରେ ଏତଲା ନ ଦେବା ଖୋଦ ବିଭାଗରେ ଆଲୋଚ୍ୟ ବିଷୟ ହୋଇଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଇଓ ସଂଗ୍ରାମ ସାହୁ କହିଛନ୍ତି।

## ସଫଳତା ଉପରେ ଗୁରୁତ୍ୱାରୋପ



ଜିଲାସ୍ତରୀୟ ବୈଠକରେ ଅଧିକାରୀମାନେ।

**ବାଲେଶ୍ୱର ଅଫିସ,୬।୭**

ବାଲେଶ୍ୱର ଜିଲାପାଳଙ୍କ ଓସୱାନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅପରାହ୍ନରେ ଆଶିର୍ବାଦ ଯୋଜନାର ସଫଳ ରୂପାୟନ ପାଇଁ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲାପାଳ ଅଧକ୍ଷତା କରି ଯୋଜନା ସମ୍ପର୍କରେ ଜିଲାରେ ସମସ୍ତ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ରାଜ୍ୟସରକାରଙ୍କ ଏହି ଯୋଜନା ଅନ୍ତର୍ଗତ ଗତ ୨୦୨୦ ଏପ୍ରିଲ ୧ତାରିଖ ଠାରୁ ଉଭୟ ମା'ବାପାଙ୍କୁ ହରାଇଥିବା, ଏକକ ଅଭିଭାବକଙ୍କୁ ହରାଇଥିବା ଶିଶୁଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ଶିଶୁଙ୍କୁ ଚିହ୍ନଟ କରାଯାଇ ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ସହାୟତା ଯୋଗାଇଦେବା ସହ ଶିଶୁ ଯତ୍ନ ଅନୁଷ୍ଠାନରେ ଥଇଥାନ କରିବା ଏବଂ ଏକକ ଅଭିଭାବକଙ୍କୁ ହରାଇ ପରିବାରରେ ରହୁଥିବା ଶିଶୁଙ୍କ ପାଇଁ ବିଭିନ୍ନପ୍ରକାରର ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ଶିଶୁଙ୍କ ପରିବାର ଲୋକେ ମୃତ୍ୟୁ ପ୍ରମାଣପତ୍ର ସହ ଲିଖିତ ଦରଖାସ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଆବେଦନ କରିବା ପାଇଁ ବୈଠକରେ କୁହାଯାଇଥିଲା। ଜିଲାସ୍ତରୀୟ ଅଧିକାରୀ, ବିଡିଓ, ସିଡିପିଓ, ସିଡବ୍ଲୁସି, ଚାଇଲ୍ଡଲାଇନ୍, ସ୍ୱେଚ୍ଛାସେବୀ ସଙ୍ଗଠନ ଉପସ୍ଥିତ ଥିଲେ।

**ଆଶୀର୍ବାଦ ଯୋଜନା**

# ୨୯ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କଲେ ପର୍ଯ୍ୟଟନ ମନ୍ତ୍ରୀ


ଡୁଙ୍ଗୁରା ସ୍କୁଲରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

**ଖଇରା,୬।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଥିବା ୨୯ ମେଧାବୀ ଛାତ୍ରୀଛାତ୍ରଙ୍କୁ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରଥମେ ମହତୀପୁର ହାଇସ୍କୁଲ ପରିସରରେ ୧୨ଜଣ, ଖଇରାରେ ୬, କୁପାରୀରେ ୪ ଓ ଡୁଙ୍ଗୁରା ଦର୍ଶନ ପ୍ରସାଦ ହାଇସ୍କୁଲରେ ୭ଜଣଙ୍କୁ ମନ୍ତ୍ରୀ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିଥିଲେ। ଡୁଙ୍ଗୁରାରେ ପୂର୍ବତନ ପ୍ରଧାନଶିକ୍ଷକ ନିର୍ମଳ କୁମାର ପଣ୍ଡା, ପ୍ରଧାନଶିକ୍ଷକ ମାୟାଧର ଦାସ, ଖଇରା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁ ଓ ବିଜ୍ଞାନ ଶିକ୍ଷକ ଜୟନ୍ତ କୁମାର ପଣ୍ଡା, ମହତୀପୁର ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ପାଣିଗ୍ରାହୀ, କୁପାରୀ ହାଇସ୍କୁଲର ଜଗବନ୍ଧୁ ବେସ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ୨ ମୃତ

**ରୂପସା/ଲଙ୍ଗଳେଶ୍ୱର, ୬।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ବ୍ଲକ ଓ ବାଲିଆପାଳ ବ୍ଲକ ଅଞ୍ଚଳରେ ମଙ୍ଗଳବାର ପୋଖରୀରେ ବୁଡ଼ି ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁକନ୍ୟା ଅଛନ୍ତି। ସୂଚନା ଅନୁସାରେ, ସଦର ବ୍ଲକ ତାଳମୁଣ୍ଡା ଗାଁ ନିକଟ ପୋଖରୀରେ ବୁଡ଼ି ଘଡ଼େଇଛକ ଅଞ୍ଚଳର ତପନ ସରଦାର(୩୯)ଙ୍କ ଜୀବନ ଯାଇଛି। ସେ ପୋଖରୀରେ ମାଛ ଧରିବା ପାଇଁ ଜାଲ ପକାଉଥିବା ବେଳେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାୟକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମେଡ଼ିକାଲ ଫାଣ୍ଡି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇଛି। ସେହିପରି ବାଲିଆପାଳ ବ୍ଲକ ଡଗରା ଗ୍ରାମର ଗୌରାଙ୍ଗ ଗିରିଙ୍କ ଝିଅ କଳ୍ପନା(୨) ଘର ପାଖରେ ଖେଳୁଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ଏ ନେଇ ବାଲିଆପାଳ ଥାନାରେ ଅପମୃତ୍ୟୁ ମାମଲା(ନଂ.୨୨/୨୧) ରୁଜୁ ହୋଇଛି।

## ଗଡ଼ିବନି ରଥ, ଭକ୍ତ ନିରାଶ

**ବାରିପଦା ଅଫିସ, ୬।୭**

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ମୟୂରଭଞ୍ଜ ଜିଲା ବାରିପଦାରେ ଚଳିତ ବର୍ଷ ମହାପ୍ରଭୁଙ୍କ ରଥ ଗଡ଼ିବନି। ଏଠାରେ ରଥଯାତ୍ରା ଲାଗି ହୋଇଥିବା ଆବେଦନକୁ ସୁପ୍ରିମ କୋର୍ଟ ଖାରଜ କରିବା ପରେ ଭକ୍ତ ମହଲରେ ନୈରାଶ୍ୟ ଭାବ ଦେଖିବାକୁ ମିଳିଛି। ଦୀର୍ଘ ୪୪୫ବର୍ଷ ଧରି ଚାଲି ଆସୁଥିବା ପରମ୍ପରା ବଜାୟ ରଖିବା ପାଇଁ କୋଭିଡ୍ ନିୟମ ଅନୁଯାୟୀ ସେବାୟତ ଓ ପ୍ରଶାସନ ଦ୍ୱାରା ରଥଯାତ୍ରା କରିବାକୁ ଭକ୍ତମାନେ ଦାବି କରିଥିଲେ। ଏଥିପାଇଁ ସେବାୟତ ସଂଘ ଓ ବାରିପଦାର ଅଣରାଜନୈତିକ ସଂଗଠନ ଭଞ୍ଜ ସେନା ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଥିଲା। ବାରିପଦା ବଡ଼ଦାଣ୍ଡରେ ଘଣ୍ଟ, ଶଙ୍ଖ, ହୁଳହୁଳି ଓ ସଂକୀର୍ତ୍ତନ ମାଧ୍ୟମରେ ଶୋଭାଯାତ୍ରା କରି ରଥଯାତ୍ରା କରିବାକୁ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯାଇଥିଲା। ଉଭୟ ସଙ୍ଗଠନ ପକ୍ଷରୁ ରଥଯାତ୍ରା ନିମନ୍ତେ ଉଚ୍ଚ ନ୍ୟାୟାଳୟ ଓ ପରେ ସର୍ବୋଚ୍ଚ ନ୍ୟାୟଳୟର ଆଶ୍ରୟ ନିଆଯାଇଥିଲା। ଏନେଇ ସେବାୟତ ସଂଘର ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ କୁହନ୍ତି ରାଜ୍ୟ ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁ ବାରିପଦାରେ ରଥଯାତ୍ରା ହୋଇପାରିଲା ନାହିଁ। ଜିଲାର ବିଭିନ୍ନ ସ୍ଥାନରେ ସଭାସମିତି ମାଧ୍ୟମରେ ଜନସମାଗମ ହେଉଥିବା ବେଳେ ରଥଯାତ୍ରା ପାଇଁ ଅନୁମତି ନ ମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ସେହିପରି ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କୁହନ୍ତି ଆନ୍ତରିକତା ଅଭାବରୁ ରଥଯାତ୍ରା ନିମନ୍ତେ ରାଜ୍ୟ ସରକାର ଜିଲାବାସୀଙ୍କ ପ୍ରତି କୁଠାରଘାତ କରିଛନ୍ତ। କୋଭିଡ୍ କଟକଣା ମଧ୍ୟରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅତୁଟ ରହିଥାନ୍ତା ବୋଲି ସେ କହିଛନ୍ତି।

# ବିଜୁ ମହିଳା ଜନତା ଦଳ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ବାରିପଦା ଅଫିସ,୬।୭**


ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ମୟୂରଭଞ୍ଜ ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କର ପ୍ରସ୍ତାବ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଅନୁମୋଦନକ୍ରମେ ଜିଲାରେ ବିଜୁ ମହିଳା ଜନତା ଦଳ ପୁନର୍ଗଠିତ ହୋଇଛି। ଏହି ଅବସରରେ ମଙ୍ଗଳବାର ବିଜୁ ଭବନଠାରେ ପୂର୍ବତନ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କର ଆବାହକତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଡ. ଦେବାଶିଷ ମାରାଣ୍ଡି ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ଖଦି ବୋର୍ଡ ନିର୍ଦ୍ଦେଶକ ସରୋଜ କୁମାର ବୋଷ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ରାଜ୍ୟ କୃଷି ଶିଳ୍ପ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି, ରାଜ୍ୟ ବିଜେଡି ସମ୍ପାଦକ କୃଷ୍ଣ ଚନ୍ଦ୍ର ଦାସ, ଛାତ୍ର ବିଜେଡି ଜିଲା ସଭାପତି ସୁନୀଲ କୁମାର ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ନବ ନିଯୁକ୍ତ ଜୋନାଲ ସଭାପତି ବୀଣାପାଣି ସାହୁ, ଜିଲା ମହିଳା ସଭାପତି ଦିପ୍ତୀଲତା ମିଶ୍ର, କାର୍ଯ୍ୟକାରୀ ସଭାପତି ସବିତା ହାଁସଦା, ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରାବଣୀ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁର୍ଗାମଣି ଆଚାର୍ଯ୍ୟ, ଜିତେନ୍ଦ୍ର ମହାନ୍ତି, ପ୍ରଭାତ ନାୟକ, ସୁବ୍ରମଣ୍ୟମ ମହାନ୍ତି, ନିରୋଜ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସରକାରୀ ସହାୟତାରୁ ବଞ୍ଚିତ ମହିଳାଙ୍କ ଧାରଣା

**ବାରିପଦା ଅଫିସ, ୬।୭**

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ମହୁଲିଆ ଗ୍ରାମର ସୁବାସିନୀ ବିନ୍ଧାଣୀ ନାମ୍ନୀ ଜଣେ ମହିଳା ସରକାରୀ ସହାୟତା ଦାବିରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସୂଚନା ଅନୁଯାୟୀ, ୨୦୧୯ରେ ନିର୍ମାଣ ଶ୍ରମିକ ପ୍ରସନ୍ନ ବିନ୍ଧାଣୀ ମୃତ୍ୟୁବରଣ କରିଥିଲେ। ୨୦୨୦ ମାର୍ଚ୍ଚରେ ନିର୍ମାଣ ଶ୍ରମିକଙ୍କ ପ୍ରାପ୍ୟ ପାଇବା ପାଇଁ ତାଙ୍କ ସ୍ତ୍ରୀ ସୁବାସିନୀ ବାରିପଦା ଶ୍ରମ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ୨ଲକ୍ଷ ୫ହଜାର ଟଙ୍କା ଦିଆ ନ ଯିବାରୁ ସେ ଧାରଣା ଦେଇଥିବା କହିଛନ୍ତି। ଖବରପାଇ ଶ୍ରମ ଅଧିକାରିଣୀ ମୋନାଲିସା ନାୟକ ଧାରଣାସ୍ଥଳରେ ପହଞ୍ଚି ୭ ଦିନ ମଧ୍ୟରେ ସମସ୍ତ ପ୍ରାପ୍ୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେ ଧାରଣାରୁ ଉଠିଥିଲେ।

**ଫଟୋରେ ଖବର...**


ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର-ତାଳପଦାକୁ ସଂଯୋଗ କରୁଥିବା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ମଝିରେ ଦୁଇଟି ବଡ ବଡ ଗାତ ସୃଷ୍ଟି ହୋଇଛି। ଫଳରେ ଯାନବାହନ ଚଳାଚଳରେ ଲୋକେ ସମସ୍ୟା ଭୋଗୁଛନ୍ତି।

# ସିଦ୍ଧ ଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା

**ପାଟଣା,୬।୭(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ସରାସ କୋଲାଠାରେ ମଙ୍ଗଳବାର ଭକ୍ତିମୟ ପରିବେଶରେ ସିଦ୍ଧ ଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ଓ ମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ନିମିତ୍ତ ମଙ୍ଗଳବାର ପଞ୍ଚାନନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୀତି କାନ୍ତିରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏଥି ସକାଶେ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁଙ୍କ ଜନ ସମାଗମ ହୋଇଥିଲା। ମଙ୍ଗଳବାର ମନ୍ଦିର ଓ ସିଦ୍ଧଜଗନ୍ନଥଙ୍କ ଚତୁର୍ଦ୍ଧାମୂର୍ତ୍ତିଙ୍କ ସହ ମହାବୀର ହନୁମାନଙ୍କ ମହାସ୍ନାନ ନୀତି ସମ୍ପନ୍ନ ହୋଇଛି। ସିଦ୍ଧ ଜଗନ୍ନାଥଙ୍କ କର୍ତ୍ତା ଭାବେ ଭାଗିରଥୀ ଦାଶ ଓ ତାଙ୍କ ସ୍ତ୍ରୀ ସ୍ୱପ୍ନାଶ୍ରୀ ଦାଶ କାର୍ଯ୍ୟ ସମ୍ପାଦନ କରିଥିଲା ବେଳେ ପୂଜକ ଭାବେ ନୀତିକାନ୍ତିରେ ପୁରୀର ପଣ୍ଡିତ ସତ୍ୟନାରାୟଣ ତ୍ରିପାଠୀ, ଚିତ୍ତ ରଞ୍ଜନ ମିଶ୍ର, ବ୍ରଜ ମୋହନ ପଣ୍ଡା ଓ ପଣ୍ଡିତ ପ୍ରମୋଦ କୁମାର ଦାଶ ପ୍ରମୁଖ ନୀତିକାନ୍ତିରେ ସହଯୋଗ କରିଥିଲେ।

## ଆକାଉଣ୍ଟରୁ ଅର୍ଥ ତୋସରପାତ

**ସୋର, ୬।୭(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ମଙ୍ଗଳବାର ମଧ୍ୟାହ୍ନରେ ସାଇବର ଲୁଟେରା ଟଙ୍କା ନେଇ ଯାଇଛନ୍ତି। ଏହି ଗ୍ରାମର ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ନିଜ ବିଏସ୍ଏନ୍ଏଲ ସିମ୍ କାର୍ଡ ଅନ୍‌ଲାଇନ୍‌ରେ ରିଚାର୍ଜ କରିବା ବେଳେ ଆକାଉଣ୍ଟରୁ ପ୍ରଥମେ ୧୦୭ ଟଙ୍କା କଟିଥିଲା। ହେଲେ ସିମ୍ ରିଚାର୍ଜ ଫେଲ୍ ହେବାରୁ ସେ ତାଙ୍କ ଆକାଉଣ୍ଟରୁ କଟିଥିବା ଟଙ୍କା ଫେରିବାକୁ ଭୁଲ୍ କଷ୍ଟମର କେୟାର ନମ୍ବରକୁ ଫୋନ୍ କରିଥିଲେ। ଏହି କଲ୍ ସମୟରେ ସାଇବର ଲୁଟେରା ତାଙ୍କ ଆକାଉଣ୍ଟରୁ ତଥ୍ୟ ପାଇ ଦୁଇଥରରେ ୪୯ହଜାର ୩୨ଙ୍କା ଉଠାଇ ନେଇଥିଲେ। ଏନେଇ ସେ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

# ବିଶ୍ୱବିଦ୍ୟାଳୟ ମାନ୍ୟତା ନ ମିଳିବା ଯାଏ ସଂଗ୍ରାମ ଜାରି ରହିବ

**ଭଦ୍ରକ ଅଫିସ,୬।୭**



ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର।

**ଭଦ୍ରକ କଲେଜ ପ୍ରତିଷ୍ଠା ଦିବସ**

କୋଭିଡ୍ କଟକଣା ମଧ୍ୟରେ ଭଦ୍ରକ କଲେଜର ୭୪ତମ ପ୍ରତିଷ୍ଠା ଦିବସ ପୁରାତନ ଛାତ୍ରସଂସଦ ଓ କର୍ମକର୍ତ୍ତାଙ୍କ ସହଯୋଗିତାରେ ନିରାଡ଼ମ୍ବରରେ ପାଳିତ ହୋଇଯାଇଛି। ସକାଳେ କଲେଜ ପରିସରରେ ଥିବା ଡ. ହରେକୃଷ୍ଣ ମହତାବ ଓ କଲେଜର ପ୍ରାଣପ୍ରତିଷ୍ଠାତା ନରେନ୍ଦ୍ର କୁମାର ଦାସ, ଛକଡ଼ି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୁରାତନ ଛାତ୍ର ଅମରେନ୍ଦ୍ର ବିଶ୍ୱାଳଙ୍କ ସହଯୋଗିତାରେ ଆୟୋଜିତ ମାଲ୍ୟାର୍ପଣ ସମାରୋହରରେ ପୁରାତନ ଛାତ୍ରସଂସଦ ସମ୍ପାଦକ ଅଜୟ ନାୟକ, କଲେଜ ଅଧକ୍ଷ ଉମାକାନ୍ତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ନାୟକ ଐତିହ୍ୟ ସମ୍ପନ୍ନ କଲେଜର ଜରାଜୀର୍ଣ୍ଣ ଅବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ଚାରୁଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପରେ ପୁରାତନ ଛାତ୍ରସଂସଦ ଭବନରେ ପୂର୍ବତନ ସଭାପତି ଡା. ଦୁର୍ଯ୍ୟୋଧନ ଦାସଙ୍କ ସଭାପତିତ୍ୱରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ନାୟକ ଓ ପୁରାତନ ଛାତ୍ର ତଥା ଅଧିବକ୍ତା ଦିବ୍ୟସିଂ ନାୟକ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନ ମିଳିବା ଯାଏ ସଂସଦ ସଂଗ୍ରାମ ଜାରି ରଖିବ ବୋଲି କହିଥିଲେ। ଛାତ୍ର ହରମୋହନ ଯେନା ଛାତ୍ରସଂସଦର ଏକ କମିଟି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଲାଗି ଭଦ୍ରକର ପ୍ରଥମ ଜିଲାପାଳ ତଥା ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କୁ ସାକ୍ଷାତ କରି ଦାବି ରଖିବା ପ୍ରସ୍ତାବ ମଧ ଗୃହୀତ ହୋଇଥିଲା। ଅଧିବକ୍ତା ପବନ ଶର୍ମା, ଗଦାଧର ବଳ, ଖବରଦାତା ରାମନାରାୟଣ ନାୟକ, ଗୌରହରି ନାୟକ, ଗୋବର୍ଦ୍ଧନ ସାମଲ, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତିରେ ଆରଡ଼ି ପୀଠ ସମ୍ପ୍ରସାରଣ

**ଆରଡି, ୬।୭ (ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଛି। ଏଠାରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ କାର୍ଯ୍ୟ କରୁଛି। ଉପଜିଲାପାଳ ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଭାବେ କାର୍ଯ୍ୟ କରନ୍ତି। ପୀଠର ଉନ୍ନତି ପାଇଁ ରାଜ୍ୟ ଦେବୋତ୍ତର ବିଭାଗ ଅର୍ଥରାଶି ମଞ୍ଜୁର କରିଥାନ୍ତି। ଏହି ପୀଠରେ ମାଷ୍ଟର ପ୍ଲାନ କାର୍ଯ୍ୟକାରିତା ପାଇଁ ୧୦୦ କୋଟି ଟଙ୍କାର ଆବଶ୍ୟକତା ଥିବାବେଳେ ପର୍ଯ୍ୟାୟକ୍ରମେ ଏହା ଯୋଗାଇ ଦିଆଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। କିନ୍ତୁ ଏଯାଏ କୌଣସି ଉନ୍ନତିକରଣ କାର୍ଯ୍ୟ ହୋଇନାହିଁ।

ବିଭାଗ ପକ୍ଷରୁ ୬ କୋଟି ଟଙ୍କାର ଅର୍ଥରାଶି ବେଢ଼ା ସମ୍ପ୍ରସାରଣ, ଭୋଗମଣ୍ଡପ ପ୍ରତିଷ୍ଠା, କଲ୍ୟାଣ ମଣ୍ଡପ ପ୍ରତିଷ୍ଠା, ନୂତନ ଫୁଲ ବଗିଚା, ଗର୍ଭଗୃହ ମରାମତି, ନୂତନ ମୁଖଶାଳା ପ୍ରତିଷ୍ଠା, ଶ୍ରାବଣୀ ମଣ୍ଡପ ନିର୍ମାଣ ଆଦି କାର୍ଯ୍ୟ ପାଇଁ ବ୍ୟୟବରାଦ କରାଯାଇଥିଲା। ତେବେ ଏସବୁ କାର୍ଯ୍ୟ କରିବା ପୂର୍ବରୁ ପ୍ରାୟ ୩୦ଟି ବ୍ୟବସାୟ ପ୍ରତିଷ୍ଠାନ ଭଙ୍ଗା ଯାଇଥିଲା। ବେଢ଼ାରେ ଥିବା ଭୋଗ ଦୋକାନ ମଧ ଭଙ୍ଗା ଯାଇଥିଲା। ପୀଠ ସମ୍ପ୍ରସାରଣ ପାଇଁ ଏକ ଶୌଚାଳୟ ମଧ ଭଙ୍ଗା ଯାଇଥିଲା। ଜବରଦଖଲ ଉଚ୍ଛେଦ ପାଇଁ ଚାନ୍ଦବାଲି ତହସିଲଦାରଙ୍କ ପକ୍ଷରୁ ମାପ କରାଯାଇଥିଲା। ଏସବୁ ପରେ କେବଳ ନୂଆ ଭାବେ ଏକ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟ ଉନ୍ନତିମୂଳକ କାର୍ଯ୍ୟ କେବଳ ପ୍ରତିଶ୍ରୁତିରେ ଅଟକି ଥିବା ସେବାୟତ ମାନେ କହିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୀଠ ସଂପ୍ରସାରଣ ପାଇଁ ୩ ବର୍ଷ ହେଲା ପ୍ରସ୍ତୁତି ଚାଲିଥିଲେବି ଏପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରୀ ହୋଇ ପାରୁନି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏହି ଅର୍ଥରାଶିକୁ ତୁରନ୍ତ ବିନିଯୋଗ କରି ପୀଠର ଉନ୍ନତି ମୂଳକ କାର୍ଯ୍ୟ କରାଯାଉ ବୋଲି ସେବାୟତ ଜୀବନାନନ୍ଦ ପାଢ଼ୀ କହିଛନ୍ତି। ପୀଠ ପାଇଁ ବ୍ୟୟ ବରାଦ ହୋଇଥିବା ଅର୍ଥରାଶି ବ୍ୟୟ କରାଯାଇ ନୂତନ ଭାବେ ନିର୍ମାଣ ହେବାର କାର୍ଯ୍ୟର ଟେଣ୍ଡର କରାଯିବା ସହ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ଦିର ମ୍ୟାନେଜିଂଟ୍ରଷ୍ଟି ତଥା ଭଦ୍ରକ ଉପଜିଲାପାଳ ପୀତାମ୍ବର ସାମଲ କହିଛନ୍ତି।


ଆଖଣ୍ଡଳମଣି ପୀଠ।

